## ଆଜି କ'ଣ କେଉଁଠି

**ଅନୁଗୋଳ**

- ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ- ଅନୁଗୋଳ ହାଇସ୍କୁଲ ପଡ଼ିଆ, ସମୟ- ପୂର୍ବାହ୍ନ ୯ ଘଟିକା।

**ଢେଙ୍କାନାଳ**

- ମଳଜଳ ପରିଚାଳନା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପରିଷଦ ପୁରୁଣା ଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ଭୋଗ ଖାଇ ଏକାଧିକ ଅସୁସ୍ଥ

**ଅନୁଗୋଳ ଅଫିସ, ୨୫।୩:** ଅନୁଗୋଳ ଜିଲା ଅନ୍ତୁଳିଆ ପଞ୍ଚାୟତ ରୋଡସିଙ୍ଗା ଗ୍ରାମରେ ଭୋଗ ଖାଇ ଏକାଧିକ ଲୋକ ଅସୁସ୍ଥ ହୋଇଛନ୍ତି। ଖବରପାଇ ଜିଲା ସ୍ୱାସ୍ଥ୍ୟ ବିଭାଗ ଟିମ୍ ଗାଁରେ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ପରଖିଛି। ଗୁରୁତର ଥିବା ଲୋକଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଉଥିବା ସୂଚନା ମିଳିଛି। ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରେ ହୋଇଥିବା ମେଳାର ଭୋଗ କେତେଜଣ ଖାଇଥିଲେ। ଏହାପରେ ସେମାନଙ୍କ ଝାଡ଼ାବାନ୍ତି ହୋଇଥିଲା।

### ବନ୍ଦ ସଫଳ କରିବାକୁ ସଭା

**ଅନୁଗୋଳ ଅଫିସ, ୨୫।୩:** କେନ୍ଦ୍ର ସରକାରଙ୍କ କୃଷି ଆଇନ ଓ ବିଦ୍ୟୁତ୍ ଆଇନ-ପ୍ରତ୍ୟାହାର ଦାବିରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଏବଂ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନମାନଙ୍କ ପକ୍ଷରୁ ଦିଆଯାଇଥିବା ଶୁକ୍ରବାର ଭାରତ ବନ୍ଦ ଡାକରାକୁ ଅନୁଗୋଳ ଜିଲାରେ ସଫଳ କରିବାକୁ ଏକ ସଭା ଆୟୋଜନ କରାଯାଇଥିଲା। ବସ୍‌ଷ୍ଟାଣ୍ଡରେ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଙ୍ଗଠନ (ଏଆଇକେକେଏମ୍‌ଏସ୍) ଜିଲା ସମ୍ପାଦକ ସୁବାସ ପ୍ରଧାନଙ୍କ ସଭାପତିତ୍ୱରେ ଏହି ସଭାରେ ଶ୍ରମିକ ନେତା ବ୍ରଜବନ୍ଧୁ ସାହୁ, ଉପେନ୍ଦ୍ର ଶର୍ମା, ଚାଷୀନେତା ତ୍ରିଲୋଚନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

### ୭ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୨୫।୩:** ଅନୁଗୋଳ ଜିଲାରୁ ଗୁରୁବାର ୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୨ ହଜାର ୪୪୪ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ବଣଁରପାଳ ବ୍ଲକରୁ ୩, ଛେଣ୍ଡିପଦା ବ୍ଲକରୁ ୨, ତାଳଚେର ପୌରାଞ୍ଚଳରୁ ଜଣେ ଓ କଣିହାଁ ବ୍ଲକରୁ ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୨ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ୧୦ ବଖରା ଛାରଖାର

**ଭୁବନ, ୨୫।୩(ଡି.ଏନ.ଏ.):** ଭୁବନ ବ୍ଲକ ଗଡ଼ନୃସିଂହପ୍ରସାଦ ଗ୍ରାମରେ ଗୁରୁବାର ଅଗ୍ନିକାଣ୍ଡ ଘଟି ଭାଜପା ନେତା ପ୍ରେମାନନ୍ଦ ଜେନାଙ୍କ ୧୦ରୁ ଊର୍ଦ୍ଧ୍ୱ ବଖରା ଛାରଖାର ହୋଇଯାଇଛି। ବାରମ୍ବାର ଭୁବନ ଦମକଳ କେନ୍ଦ୍ରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସହଯୋଗ ମିଳି ନ ଥିଲା। ଏହାପରେ କାମାକ୍ଷାନଗର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଖବର ଲେଖାଯିବା ସୁଦ୍ଧା କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ନ ଥିବା ପ୍ରେମାନନ୍ଦ କହିଛନ୍ତି।

# ୧୩ ଗାଡ଼ି ଜବତ, ୩୧ ଗିରଫ

**ଅନୁଗୋଳ ଅଫିସ, ୨୫।୩**

ଅନୁଗୋଳ ଦେଇ କୋଲକାତାକୁ ଗୋରୁ ନେଇ ଯାଉଥିବା ୧୨ଟି ପିକ୍‌ଅପ୍ ଭ୍ୟାନ୍ ଓ ଏହାକୁ ପାଇଲଟିଂ କରୁଥିବା ଅନ୍ୟ ଏକ ଗାଡ଼ିକୁ ସ୍ୱେଶାଲ ସ୍କ୍ୱାଡ୍ ବୁଧବାର ରାତିରେ ଜବତ କରିଛି। ଏଥିସହ ୩୧ ଜଣଙ୍କୁ ଗିରଫ କରାଯାଇଛି। ଗାଡ଼ିଗୁଡ଼ିକରେ ଥିବା ୧୦୫ ଗୋରୁଙ୍କୁ ଗୋଶାଳା ପଠାଇ ଦିଆଯାଇଛି। ସ୍ୱେଶାଲ ସ୍କ୍ୱାଡ୍ ଅଧିକାରୀ ଏସ୍‌ଆଇ ଦୀନ କୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଗୋଟିଏ ଟିମ୍ ବିଶ୍ୱସ୍ତସୂତ୍ରରୁ ଖବର ପାଇ ମହୀଧରପୁର ନିକଟ ତଳମୂଳ ଅଞ୍ଚଳରେ ଚଢ଼ାଉ କରି ଗାଡ଼ିଗୁଡ଼ିକୁ ଜବତ କରିଥିଲା।

ପ୍ରକାଶ ଯେ, କଟକ ଜିଲା ଆଠଗଡ଼, ନରସିଂହପୁର ଓ ଢେଙ୍କାନାଳ ଜିଲା ହିନ୍ଦୋଳ ଅଞ୍ଚଳରୁ ୧୨ଟି ଗୋରୁ ବୋଝେଇ ଗାଡ଼ି ମହୀଧରପୁର ଦେଇ ବଣଁରପାଳ ରାସ୍ତାରେ ତାଳଚେର ଓ କେନ୍ଦୁଝର ଦେଇ କୋଲକାତା ଅଭିମୁଖେ ଯାଉଥିଲା। ଏ ନେଇ ସୂଚନା ପାଇବା ପରେ ଅନୁଗୋଳ ସ୍ୱେଶାଲ ସ୍କ୍ୱାଡ୍ ତଳମୂଳ ଗାଁ ନିକଟରେ ଅପେକ୍ଷା କରିଥିଲା। ରାତି ପ୍ରାୟ ୨ଟାରୁ ୨ଟା ୩୦ ମଧ୍ୟରେ ଗାଡ଼ି ଗୁଡ଼ିକ ସେଠାରେ ପହଞ୍ଚିବା ପରେ ସ୍ୱେଶାଲ ସ୍କ୍ୱାଡ୍ ତାହାକୁ ଅଟକାଇ ଯାଞ୍ଚ କରିଥିଲା। ଶତାଧିକ ଗୋରୁ ଚାଲାଣ ହେଉଥିବା ଜଣାପଡ଼ିବା ପରେ ସ୍ୱେଶାଲ ସ୍କ୍ୱାଡ୍ ପକ୍ଷରୁ ବଣଁରପାଳ ଥାନାକୁ ଖବର ଦିଆଯାଇଥିଲା। ବଣଁରପାଳ ପୋଲିସ ଗାଡ଼ିରେ ଥିବା ୩୧ ଜଣଙ୍କୁ ଗିରଫ କରିବା ସହ ଗୋରୁମାନଙ୍କୁ ପଞ୍ଚମହଲା ଗୋଶାଳାରେ ଛାଡ଼ିଥିବା ଜଣାପଡ଼ିଛି। ବଣଁରପାଳ ଥାନା ଅଧିକାରୀ ସୁନୀଲ କର କିଛି କହିବାକୁ ମନା କରିଦେଇଥିବା ବେଳେ ଜଣେ ଏଏସ୍‌ଆଇ ୧୦୫ଟି ଗୋରୁଙ୍କୁ ଆଣି ଛାଡ଼ିଥିବା ଗୋଶାଳା ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ ବଣଁରପାଳ ପୋଲିସ ନଂ. ୧୦୪/୨୧ରେ ମାମଲା ରୁଜୁ କରି ୩୧ ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ପୋଲିସ ୨୧ଟି ମୋବାଇଲ ଫୋନ ସହ ନଗଦ ୮୭ ହଜାର ୫୩୦ ଟଙ୍କା ଜବତ କରିଥିବା ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ପ୍ରେସ୍‌ବିବୃତ୍ତିମାଧ୍ୟମରେ ଅବଗତ କରାଯାଇଛି।


ବେଆଇନ ଗୋରୁ ଚାଲାଣ ବେଳେ ଗିରଫ ହୋଇଥିବା ବ୍ୟକ୍ତିମାନଙ୍କୁ ପୋଲିସ କୋର୍ଟ ଚାଲାଣ କରୁଛି।

- ସ୍ୱେଶାଲ ସ୍କ୍ୱାଡ୍‌ର ସ୍ୱେଶାଲ ଡ୍ରାଇଭ୍
- ରାତିରେ ହେଉଥିଲା ଗୋରୁ ଚାଲାଣ

### ସୂଚନା ଦେବାକୁ ଥାନା ଅଧିକାରୀ କୁଣ୍ଠ କୁଣ୍ଠ

**ଅନୁଗୋଳ ଅଫିସ, ୨୫।୩:** କିଛିଦିନ ତଳେ ଚୋରା କୋଇଲା ଜବତ କରାଗଲା। କିନ୍ତୁ ସେ ନେଇ ବଣଁରପାଳ ଥାନା ଅଧିକାରୀ ସୁନୀଲ କର ଠିକ୍ ଭାବେ ସୂଚନା ଦେଲେନାହିଁ। ବୁଧବାର ରାତିରେ ଏତେ ସଂଖ୍ୟକ ଗୋରୁ ବୋଝେଇ ଗାଡ଼ି ଜବତ ହେବା, ୩୧ ଜଣ ଗିରଫ ହେବା ଓ ୧୦୫ ଗୋରୁଙ୍କୁ ଗୋଶାଳାରେ ଛଡ଼ାଯାଇଥିଲେ ମଧ୍ୟ ଥାନା ଅଧିକାରୀ ମୁହଁ ଖୋଲିବାକୁ କୁଣ୍ଠ କୁଣ୍ଠ ହେଲେ। ଚୋରା କୋଇଲା ଗାଡ଼ି ଧରିବା ହେଉ କିମ୍ବା ବେଆଇନ ଗୋରୁ ଚାଲାଣ ରୋକିବା, ପୋଲିସ ପାଇଁ ଏହା ଗୋଟିଏ ଗୋଟିଏ ସଫଳତା। ଥାନା ଅଞ୍ଚଳରେ ଅପରାଧ ରୋକିବା ଦିଗରେ ପୋଲିସ କେତେ ଓ କିପରି ସଜାଗ ରହିଛି, ଏହା ତାହାର ଉଦାହରଣ। ଗଣମାଧ୍ୟମକୁ ଏ ସମ୍ପର୍କରେ ତ୍ୱରିତ ସୂଚନା ଦେଇ ପୋଲିସ ସାବାସୀ ନେବା କଥା। କିନ୍ତୁ କେଉଁ କାରଣରୁ ବଣଁରପାଳ ଥାନା ଅଧିକାରୀ ଗଣମାଧ୍ୟମକୁ ଠିକ୍ ସୂଚନା ଦେଉନାହାନ୍ତି ତାହାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଯଦି ଗଣମାଧ୍ୟମକୁ ଏଡ଼ାଇଯିବାକୁ ଚାହୁଁଛନ୍ତି, ତା'ହେଲେ ଥାନାକୁ ଅଭିଯୋଗ ନେଇ ଆସୁଥିବା ଲୋକଙ୍କ ପ୍ରତି ଥାନା ଅଧିକାରୀଙ୍କ ବ୍ୟବହାର କିପରି ହେଉଥିବା ତାହା ଚର୍ଚ୍ଚାର ବିଷୟ ହୋଇଛି।

# ଗରା ଧରି ରାସ୍ତାରେ ସାହିବାସୀ


ସାହିବାସୀ ରାସ୍ତାରୋକୋ କରିଛନ୍ତି।

**ବଣଁରପାଳ, ୨୫।୩(ଡି.ଏନ.ଏ.)**

ପାନୀୟ ଜଳ ଯୋଗାଣ ଦାବିରେ ବଣଁରପାଳ ବ୍ଲକ ବଳରାମପ୍ରସାଦ ସିତୁରାସାହିବାସୀ ଗୁରୁବାର ନାଲ୍‌କୋ-ତାଳଚେର ରାସ୍ତାର କେନ୍ଦୁଡ଼ିପ ଛକଠାରେ ରାସ୍ତାରୋକୋ କରିଥିଲେ। ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସାହିବାସୀ କହିଛନ୍ତି, ଆଜକୁ ୧୫ ଦିନ ହେବ ସାହିରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଏକ ନଳକୂପ ଥିଲେ ମଧ୍ୟ ସେଥିରୁ ଅଳ୍ପ ପାଣି ବାହାରୁଛି। ଫଳରେ ସାହିବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ତେଣୁ ଗୋଟିଏ ନଳକୂପ ଯୋଗୁ ସବୁ ପରିବାର ଆବଶ୍ୟକ ପାଣି ପାଇପାରୁ ନାହାନ୍ତି। ତୁରନ୍ତ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି। ଖବରପାଇ ନାଲ୍‌କୋ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ହଟିଥିଲା।

# ହଟହଟା ହେଲା ପ୍ରଶାସନ


ଗ୍ରାମବାସୀ ପୋଲିସ ଓ ଅନ୍ୟ ଅଧିକାରୀଙ୍କୁ ଅଟକ ରଖିଛନ୍ତି।

**ଛେଣ୍ଡିପଦା, ୨୫।୩ (ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ ଚାକୁଣ୍ଡାପାଳ ପ୍ରାଥମିକ ବିଦ୍ୟାଳୟରେ କମ୍ ଛାତ୍ରୀଛାତ୍ର ଥିବା ଦର୍ଶାଇ ବିଭାଗ ତରଫରୁ ବନ୍ଦ କରିଦିଆଯାଇଥିଲା। ଏ ନେଇ ଅଭିଭାବକମାନେ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନ ଥିଲା। ତେଣୁ ଗ୍ରାମବାସୀ କୋର୍ଟରେ ଆଶ୍ରୟ ନେଇଥିଲେ। କିନ୍ତୁ ଗୁରୁବାର ପ୍ରଶାସନ ପକ୍ଷରୁ ତାଲା ଭଙ୍ଗାଯାଇ ବିଦ୍ୟାଳୟର ସମସ୍ତ ସାମଗ୍ରୀ ନିଆଯାଉଥିବା ସମୟରେ ଗ୍ରାମବାସୀ ବିରୋଧ କରିଥିଲେ। ଅତିରିକ୍ତ ତହସିଲଦାର, ବ୍ଲକ ଶିକ୍ଷାଧିକାରୀ ଓ ପୋଲିସକୁ ସେମାନେ ଅଟକ ରଖିଥିଲେ। ଫଳରେ କୋର୍ଟଙ୍କ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ଜିନିଷପତ୍ର ନେବେନାହିଁ ବୋଲି ପ୍ରତିଶ୍ରୁତି ଦେବା ପରେ ଅଟକ ଅଧିକାରୀଙ୍କୁ ଗ୍ରାମବାସୀ ଛାଡିଥିଲେ।

## ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ସମସ୍ୟା ଉପରେ ଆଲୋଚନା

**ଭୁବନ, ୨୫।୩(ଡି.ଏନ.ଏ.)**

ଭୁବନ ଏନ୍‌ଏସିସ୍ଥିତ ବଡ଼ହାଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଦିବ୍ୟାଙ୍ଗ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷକ ଏବଂ ଶିକ୍ଷା ପରାମର୍ଶଦାତାଙ୍କୁ ନେଇ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଇଓ ବ୍ରହ୍ମାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ବିଆର୍‌ସିସି ରାଜଲକ୍ଷ୍ମୀ ଗୁଡୁ, ସିଆର୍‌ସିସି ଶତ୍ରୁଘ୍ନ ପାତ୍ର, ମନୋଜ ମହାନ୍ତି, ଅଜୟ ରାଉତ ଯୋଗଦେଇ ପାଠପଢ଼ାରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଭୋଗୁଥିବା ସମସ୍ୟା ଏବଂ ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ବଳ ଶିକ୍ଷୟିତ୍ରୀ କଳ୍ପନା ସାହୁ, ସୁମିତ୍ରା ପଣ୍ଡା, ସ୍ୱେଚ୍ଛାସେବୀ ପ୍ରହଲ୍ଲାଦ ସାହୁ, ଅନନ୍ତ ସାହୁ, ଶିକ୍ଷକ ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶୋଭାଯାତ୍ରାରେ ଯକ୍ଷ୍ମା ସଚେତନତା

**ଢେଙ୍କାନାଳ ଅଫିସ, ୨୫।୩**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ବୁଧବାର ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। କେୟାରଟେକର ଅଫିସର ଦିଲୀପ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଦାଶରଥି ମିଶ୍ର ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଯକ୍ଷ୍ମାରୋଗର କାରଣ ଓ ନିରାକରଣ ସମ୍ପର୍କରେ ସଚେତନ କରାଯାଇଥିଲା। ପରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସୋମେଶ ସାହୁ, ଶିବ ପ୍ରସାଦ ସାହୁ, ରାମଚନ୍ଦ୍ର ମଲ୍ଲିକ, ସ୍ୱାଧୀନ ଦାସ, ସୁଶ୍ରୀ ସ୍ୱପ୍ନା ମହାପାତ୍ର, ରଶ୍ମିତା ରାଉଳ ପ୍ରମୁଖ ବହୁ କ୍ୟାଡେଟ୍ ଏଥିରେ ଅଂଶଗ୍ରହଣ କରିଥିଲେ।

# କୋଲ୍ ବ୍ଲକ ଖଣିପଟ୍ଟା ସମ୍ପାଦନ


ଖଣିପଟ୍ଟା ସମ୍ପାଦନ କରାଯାଉଛି।

**ଅନୁଗୋଳ ଅଫିସ, ୨୫।୩**

ଅନୁଗୋଳ ଜିଲା ନାଲ୍‌କୋକୁ ଅନୁମୋଦିତ ହୋଇଥିବା ୩୦୧.୨୮୦ ହେକ୍ଟର ପରିମିତ ଉତ୍କଳ-ଡି କୋଲ୍ ବ୍ଲକର ଖଣିପଟ୍ଟା ୩୦ ବର୍ଷ ଅବଧି ପାଇଁ ସମ୍ପାଦିତ ହୋଇଛି। ଗୁରୁବାର ଅପରାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଞ୍ଜୟ କ୍ରୀଷ୍ଣା ପଟେଲ୍‌ଙ୍କ ମଧ୍ୟରେ ଏହା ସମ୍ପାଦିତ ହୋଇଛି। ଛେଣ୍ଡିପଦା ତହସିଲର କୋଶଳା, ଶିମିଳିସାହି, ନନ୍ଦିଛୋଡ ଓ ରାଇଝରଣ ଗ୍ରାମରେ ଏହି ଖଣି ରହିଛି। ଏଠାରୁ ବାର୍ଷିକ ୨ ନିୟୁତ ଟନ୍ କୋଇଲା ଉତ୍ପାଦନ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଉତ୍ପାଦିତ କୋଇଲା ନାଲ୍‌କୋର ନିଜସ୍ୱ ତାପଜ ବିଦ୍ୟୁତ୍ କେନ୍ଦ୍ରରେ ବ୍ୟବହୃତ ହେବ। ଏହି ଖଣିପଟ୍ଟା ସମ୍ପାଦନ ସମୟରେ ନାଲ୍‌କୋ ମହାପ୍ରବନ୍ଧକ କାଳୀକିଙ୍କର ପଣ୍ଡା, ତାଳଚେର ଖଣି ମଣ୍ଡଳର ଉପନିର୍ଦ୍ଦେଶକ ବିଷ୍ଣୁପଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ଢେଙ୍କାନାଳ ଅଫିସ, ୨୫।୩**

ଢେଙ୍କାନାଳ ଜିଲା କପିଳାସ ରାସ୍ତାର ଭଗବାନପୁର ନିକଟ ସୁନ୍ଦରିଖାଲଠାରେ ଗୁରୁବାର ସକାଳ ୬ଟାରେ କାର ଧକ୍କାରେ ବାଇକ ଆରୋହୀ ପ୍ରଦ୍ୟୁମ୍ନ ବାରିକ(୨୫)ଙ୍କ ମୃତ୍ୟୁ ଘଟିଛି। ସଦର ଥାନା ଦୁଦୁକାଟେଣୀ ଗ୍ରାମର ପ୍ରଦ୍ୟୁମ୍ନ କାଇଁଶ ଯାଉଥିବାବେଳେ ବିପରୀତ ପାର୍ଶ୍ୱରୁ ଦ୍ରୁତ ଗତିରେ ଆସୁଥିବା ଏକ କାର ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଦୀର୍ଘ ସମୟ ଧରି ଯାନବାହନ ଚଳଚଳ ପ୍ରଭାବିତ ହୋଇଥିଲା। ସଦର ଥାନା ଏବଂ ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଦୁର୍ଘଟଣା ଘଟାଇଥିବା କାର୍ ଜବତ କରାଯାଇଛି। ଚାଳକ ଫେରାର ହୋଇଯାଇଛନ୍ତି। ଏ ନେଇ ନଂ. ୧୯୩/୨୧ରେ ଏକ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ସନ୍ଧ୍ୟାରାଣୀ ବେଉରିଆ ସୂଚନା ଦେଇଛନ୍ତି।

# ଜିଏମ୍‌ଆର୍ ପକ୍ଷରୁ ଜାତୀୟ ସୁରକ୍ଷା ଅଭିଯାନ



ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୨୫।୩**

ଢେଙ୍କାନାଳ ଜିଲା କମଳାଙ୍ଗସ୍ଥିତ ଜିଏମ୍‌ଆର କମଳାଙ୍ଗ ଏନର୍ଜି ଲିମିଟେଡ୍ ପରିସରରେ ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ୫୦ତମ ଜାତୀୟ ସୁରକ୍ଷା ଅଭିଯାନ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଜିକେଇଏଲ୍ ସିଓଓ ରମେଶ ଆର୍ ପାଇ କର୍ମଚାରୀଙ୍କୁ ସୁରକ୍ଷା ସମ୍ବନ୍ଧୀୟ ଶପଥ ପାଠ କରାଇଥିଲେ। ଏହି ଉପଲକ୍ଷେ ବିଦ୍ୟାଳୟର ଛାତ୍ରୀଛାତ୍ର, ମହିଳା ଓ ସୁରକ୍ଷା କର୍ମଚାରୀଙ୍କ ମଧ୍ୟରେ ସ୍ଲୋଗାନ, ପୋଷ୍ଟର, କୁଇଜ୍ ଓ ଦଳଗତ ଆଲୋଚନା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜନସଚେତନତା ସୃଷ୍ଟି ପାଇଁ ନାଟକ ପରିବେଷଣ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଢେଙ୍କାନାଳସ୍ଥିତ ଫ୍ୟାକ୍ଟ୍ରି ଆଣ୍ଡ୍ ବଏଲର୍ସ ବିଭାଗର ସହକାରୀ ନିର୍ଦ୍ଦେଶକ ସୁଧାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ କମ୍ପାନୀର ଅପରେଶନ ଆଣ୍ଡ୍ ମେଣ୍ଟେନାନ୍ସ ମୁଖ୍ୟ ମନୋଜ ମିଶ୍ର ଉପସ୍ଥିତ ଥିଲେ।

### ଶିବ ମନ୍ଦିରର ବାର୍ଷିକ ଉତ୍ସବ ପାଳିତ

**ବଇଣ୍ଡା, ୨୫।୩(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଡହୁଲା ଶିବ ମନ୍ଦିରର ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। କୋରୋନା କଟକଣା ମଧ୍ୟରେ ମନ୍ଦିର କମିଟି ପକ୍ଷରୁ ଏହି ଉତ୍ସବ ପାଳନ ହୋଇଥିଲା। ସକାଳେ କଳସ ଯାତ୍ରା କରାଯିବା ପରେ ମନ୍ଦିରରେ ପୂଜା କରାଯାଇଥିଲା। ପରେ ରୀତିନୀତି ଅନୁସାରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସୂର୍ଯ୍ୟପୂଜା ହେବାପରେ ସମସ୍ତ ପୂଜା ହୋଇଥିଲା। ଗ୍ରାମର ଦୁର୍ଯ୍ୟୋଧନ ପ୍ରଧାନ ଓ ତାଙ୍କ ସ୍ତ୍ରୀ ସରସ୍ୱତୀ ପ୍ରଧାନ କର୍ତ୍ତା ଭାବେ ଯୋଗ ଦେଇଥିଲେ। ପୂଜକ ସର୍ବେଶ୍ୱର ମହାପାତ୍ର, ରାଜେଶ ମିଶ୍ର, ଦିଲୀପ ଆଚାର୍ଯ୍ୟ ପୂଜା କରିଥିଲେ। ଗ୍ରାମ ସଭାପତି ଭୀମସେନ ପ୍ରଧାନ, ନିର୍ମଳ ଦେହୁରି, ଅଜୟ ଦେହୁରି, ଅନିଲ ପ୍ରଧାନ, ଭୀଷ୍ମ ଦେହୁରି ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ନାମ ସଂକୀର୍ତ୍ତନ ହୋଇଥିଲା।

# ହିମିତିରା ସୋସାଇଟିରେ ତାଲା


ହିମିତିରା ସୋସାଇଟି ସମ୍ମୁଖରେ ଚାଷୀମାନେ ଆନ୍ଦୋଳନ କରୁଛନ୍ତି।

**ବଇଣ୍ଡା/କଣିହାଁ, ୨୫।୩(ଡି.ଏନ.ଏ.)**

କିଶୋରନଗର ବ୍ଲକରେ ଧାନ କିଣାକୁ ନେଇ ପୁଣି ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଗୁରୁବାର ହିମିତିରା ସୋସାଇଟିରେ ଅନିୟମିତତା ଯୋଗୁ ଚାଷୀମାନେ ତାଲା ପକାଇ ଆନ୍ଦୋଳନ କରିଛନ୍ତି। ଚାଷୀମାନେ କହିଛନ୍ତି, ଏହି ସୋସାଇଟି ଉପରେ ନିର୍ଭର କରୁଥିବା ଚାଷୀମାନେ ଧାନ ବିକ୍ରି କରି ନ ପାରି ନିରାଶ ହେଉଛନ୍ତି। ଅନେକ ଚାଷୀଙ୍କୁ ୧୫ ତାରିଖରେ ଟୋକନ ଦିଆଯାଇଥିବାବେଳେ ଗୁରୁବାର ସେମାନଙ୍କ ଧାନ କିଣାଯାଇ ନ ଥିଲା। ୨୩ ତାରିଖରେ କେତେଜଣ ଚାଷୀଙ୍କୁ ଟୋକାନ ଦିଆଯାଇଥିବାବେଳେ ସେମାନଙ୍କଠାରୁ ମିଲର ହାତଗୁଞ୍ଜା ନେଇ ଧାନ କିଣିବା ଯୋଜନା କରିଥିଲେ। ଏହାକୁ ନେଇ ଅସନ୍ତୁଷ୍ଟ ଚାଷୀ ସୋସାଇଟିରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ତୁରନ୍ତ ଟୋକନ ପାଇଥିବା ଚାଷୀଙ୍କ ଧାନ କିଣା ନ ଗଲେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚାଷୀ ବିଜୟ କୁମାର ପ୍ରଧାନ, ପୀତାମ୍ବର ସାହୁ, ଦିନବନ୍ଧୁ ପ୍ରଧାନ, ଅଭିରାମ ପ୍ରଧାନ, ଗୋପବନ୍ଧୁ ନାୟକ, ବିଜୟ କୁମାର ସାହୁ, ଗୁରୁବାରି ପରିଡା ପ୍ରମୁଖ ଚେତାବନୀ ଦେଇଛନ୍ତି। ସେହିପରି କଣିହାଁ ବ୍ଲକ କାକୁଡ଼ିଆ ସେବା ସମବାୟ ସମିତିରେ ଟୋକନ ପାଇଥିବା ଚାଷୀଙ୍କଠାରୁ ଧାନ କିଣା ନ ଯିବା ଓ ସମ୍ପାଦକ ଅଫିସ ନ ଆସିବା ପ୍ରତିବାଦରେ ଗୁରୁବାର ଚାଷୀମାନେ ସମିତି କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଚାଷୀ ବୃନ୍ଦାବନ ସାହୁ, କୃଷ୍ଣଚନ୍ଦ୍ର ପ୍ରଧାନ, ଗନ୍ଧର୍ବ ସାହୁ, ଟୁନା ବେହେରା, ଗଗନ ସାହୁ, ଇନ୍ଦ୍ରମଣୀ ସାହୁଙ୍କ କହିବା ଅନୁଯାୟୀ, ୧୬ ତାରିଖ ଓ ୨୩ ତାରିଖରେ ମଣ୍ଡିରେ ଧାନ ବିକ୍ରି ପାଇଁ ଟୋକନ ମିଳିଥିଲା। କିନ୍ତୁ ସମ୍ପାଦକ, ମିଲରଙ୍କ ଦେଖା ମିଳି ନ ଥିଲା। ସମ୍ପାଦକ ଗଣେଶ୍ୱର ପ୍ରଧାନ ସମିତିଠାରୁ ମାତ୍ର ୨ ଶହ ମିଟର ଦୂର ବାସଭବନରେ ଥିଲେ ମଧ୍ୟ ଆସି ନ ଥିଲେ। ପ୍ରତିବାଦରେ ଆନ୍ଦୋଳନ କରାଯାଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ତାଳଚେର ଉପଖଣ୍ଡ ଯୋଗାଣ ସହକାରୀ ଅଧିକାରୀ ରୋହିତ ବାବୁ କହିଛନ୍ତି, ସମିତି ସମ୍ପାଦକ ଠିକ୍ ତଥ୍ୟ ଦେଉନାହାନ୍ତି। ସମ୍ପାଦକ ଜିଲା ଯୋଗାଣ ଅଧିକାରୀଙ୍କୁ ଭେଟିଛନ୍ତି। ଧାନ କିଣାର ବ୍ୟବସ୍ଥା କରାଯିବ। କମ୍ପ୍ୟୁଟର ପ୍ରୋଗାମର ମୋହନ ବେହେରା କହିଛନ୍ତି, ଚାଷୀମାନେ ତାଲା ପକାଇବା ଯୋଗୁ ୨ ଘଣ୍ଟା ଭିତରେ ରହିଥିଲୁ।


ଡିଫୋର୍ଜିଟ୍ କାଉଣ୍ଟର
କାକୁଡ଼ିଆ ସେବା ସମବାୟ ସମିତି ସମ୍ମୁଖରେ ଚାଷୀମାନେ ଆନ୍ଦୋଳନ କରୁଛନ୍ତି।

## ଗେଙ୍ଗୁଟିଆ, କନ୍ତିଓପୁଟସାହି, ରାଇବୋଲ, ଚାନ୍ଦପୁର ବିଜୟୀ

**ପରଜଙ୍ଗ, ୨୫।୩(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକସ୍ଥିତ ମିନି ଷ୍ଟାଡିୟମରେ ବିଜୁ ପ୍ରିମିୟର କ୍ରିକେଟ୍ ଲିଗ୍‌ର ଆୟୋଜନ ହୋଇଛି। ଏହି ଲିଗ୍‌ର ସପ୍ତମ ଦିନରେ ୪ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଗଙ୍ଗୁଟିଆ କ୍ରିକେଟ୍ ଟିମ୍, କନ୍ତିଓପୁଟସାହି କ୍ରିକେଟ୍ ଟିମ୍, ରାଇବୋଲ କ୍ରିକେଟ୍ ଟିମ୍, ଚାନ୍ଦପୁର ଟିମ୍ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ମୁଣ୍ଡେଇଲୋ ୭୧ ରନ୍ କରିଥିବାବେଳେ ଗେଙ୍ଗୁଟିଆ ଟିମ୍ ୮ ଉଇକେଟ ହରାଇ ଲକ୍ଷ୍ୟ ହାସଲ କରି ନେଇଥିଲା। ଦ୍ୱିତୀୟ ମ୍ୟାଚରେ କନ୍ତିଓପୁଟସାହି କ୍ରିକେଟ୍ ଟିମ୍ ୩୯ ରନ୍‌ରେ କୁଟୁରିଆ ଦଳକୁ ହରାଇ ଦେଇଛି। ତୃତୀୟ ମ୍ୟାଚ୍‌ରେ କଙ୍କଡ଼ାହାଡ଼ ବ୍ଲକର କନରୋଳକୁ ୯ ଉଇକେଟରେ ହରାଇ ରାଇବୋଲ କ୍ରିକେଟ୍ ଟିମ୍ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛି। ସେହିପରି ଚତୁର୍ଥ ମ୍ୟାଚ୍‌ରେ ବାଲିକୁମାକୁ ୪ ଉଇକେଟରେ ହରାଇ ଚାନ୍ଦପୁର ବିଜୟୀ ହୋଇଛି। ଅମୃତାନନ୍ଦ ଦଳବେହେରା, ସ୍ୱାଧୀନ ବଳ ଅମ୍ପାୟରିଂ କରିଥିବାବେଳେ ସିଦ୍ଧାର୍ଥ ରାଉତ ସ୍କୋରର ରହିଥିଲେ।

# ମାଇକରେ ଗାନ ହେବ ବନ୍ଦେ ଉତ୍କଳ ଜନନୀ



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୨୫।୩**

- ସ୍ୱଚ୍ଛତା, କୋଭିଡ୍ ସଚେତନତା ପାଇଁ ପଦଯାତ୍ରା
- ଆଲୋକମାଳାରେ ଝଲସିବ ସରକାରୀ ପ୍ରତିଷ୍ଠାନ

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍ୱାନ ହଲରେ ଓଡ଼ିଶା ଦିବସ ପାଳନ ଲାଗି ପ୍ରସ୍ତୁତି ବୈଠକ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଦିବସ ପାଳନ ଉପଲକ୍ଷେ ଏପ୍ରିଲ ୧ ସକାଳ ୬ଟାରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସହରରେ ଡାକବାଜି ଯନ୍ତ୍ର ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯିବ। ପୂର୍ବାହ୍ନ ୮ଟାରେ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଏବଂ ବାଜିରୌତସ୍ଥିତ ଶହୀଦ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରାଯିବ। ସାଢ଼େ ୮ଟାରେ ଗୋପବନ୍ଧୁ ଟାଉନ୍‌ହଲରେ ସାଧାରଣ ସଭା ସହ ଜିଲାସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଅପରାହ୍ନ ୫ଟାରେ ସ୍ୱଚ୍ଛତା ଓ କୋଭିଡ୍ ସମ୍ପର୍କିତ ସଚେତନତା ପଦଯାତ୍ରା ଗୋପବନ୍ଧୁ ଟାଉନହଲ୍ ପରିସରରୁ ବାହାରି ବାଜିରୌତ ସ୍ମୃତିସ୍ତମ୍ଭ ପର୍ଯ୍ୟନ୍ତ ଯିବ। ଉତ୍କଳ ଦିବସ ଉପଲକ୍ଷେ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଏବଂ ଶିକ୍ଷାନୁଷ୍ଠାନରେ ଆଲୋକ ସାଜସଜ୍ଜା କରାଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଗୋଇନ୍ଦା ଡିଏସ୍‌ପି ଅରୁଣ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀତାଂଶୁ ଶେଖର ଦାସ, ପୌରନିର୍ବାହୀ ଅଧିକାରୀ ଅତନୁ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

